# Akashvani, Sambalpur

## SAMBALPURI NEWS EVENING BULLETIN

## 5 July 2025- 7.02 pm- 7.12 pm.

*********************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଚାଲିଛେ ଶ୍ରୀଜୀଉମାନ୍‌କର୍ ବିଶ୍ୱପ୍ରସିଦ୍ଧ ବାହୁଡ଼ା ଯାତ୍ରା- ୯ ଦିନ୍‌ର ଯାତ୍ରା ସାରିକରି ଶ୍ରୀମନ୍ଦିର୍ ଫିରୁଛନ୍ ଚତୁର୍ଦ୍ଧାମୂର୍ତ୍ତି ।

- ଆଏବା କାଏଲ୍ ଏକାଦଶୀ ତିଥି ନ ରଥାରୁଢ଼୍ ମାହାପୁରୁମାନ୍‌କର୍ ହେବା ସୁନାବେଶ ।

୨- ରାଏଜେ ପିଇବାର୍ ପାନି ପ୍ରକଳ୍ପ ମାନ୍‌କର୍ ପରିଚାଳନା ଆଉ ଯାଚଂ ଲାଗି ଆଧୁନିକ୍ ଜ୍ଞାନ୍ କୌଶଲ୍‌ର ପ୍ରୟୋଗ୍ କର୍‌ବାର୍‌କେ ସର୍‌କାର୍‌ଙ୍କର୍ ନିଷ୍ପତି ।

୩- ସମବାୟ ଗୁଟେ ଉନ୍ନତ ପୁର୍‌ଥି ଲାଗି ଅନ୍ତର୍ଭୁକ୍ତିମୂଳକ ଆଉ ନିରନ୍ତର୍ ସମାଧାନ୍ ନିର୍ମାଣ୍ ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ଅନ୍ତର୍ଜାତୀୟ ସମବାୟ ଦିବସ୍ ।

ଆଉର୍

୪- ଆଏବା କାଏଲ୍ ହୀରାକୁଦ୍ ନ ଛଡ଼ାଯିବା ଇ ବଛ୍‌ରର୍ ପହେଲା ବଢ଼ି ପାଏନ୍ ।

ବାହୁଡ଼ାଯାତ୍ରା        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀକ୍ଷେତ୍ର ନ ଆଏଜ୍ ବାହୁଡ଼ାଯାତ୍ରା ଭକ୍ତି ଆଉ ଶ୍ରଦ୍ଧାର୍ ସହେତେ ଅନୁଷ୍ଠିତ୍ ହେଉଛେ । ଶ୍ରୀଗୁଣ୍ଡିଚା ମନ୍ଦିର୍‌ନୁ ବାହାରିକରି ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ସଞ୍ଜ୍‌ବେଲର୍ ୬ ବାଜିକରି ୨୩ ମିନିଟ୍‌ଥି ଶ୍ରୀମନ୍ଦିର୍‌କେ ପୁହୁଁଚିଥିଲା । ଆଉକିଛି ସମିଆ ଉତ୍‌ରୁ ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥ ଶ୍ରୀମନ୍ଦିର୍ ପାଖ୍‌କେ ପୁହୁଁଚିବା । ଇହାଦେତକ୍ ମିଲିଥିବା ସୂଚ୍‌ନା ଅନ୍‌ସାରେ ମାହାପୁରୁ ଶ୍ରୀ ଜଗନ୍ନାଥ୍ ମାଉସୀ ଗୁଣ୍ଡିଚାଙ୍କର୍ ଠାନୁ ପୋଡ଼ପିଠା ଗ୍ରହଣ୍ କରିକରି ନନ୍ଦିଘୋଷ୍ ରଥଥି ଆଗ୍‌କେ ବଢ଼ି ଚାଲିଛନ୍ । ଆଉ କିଛି ସମିଆ ଉତ୍‌ରୁ ଶ୍ରୀନଅର ପାଖେ ଲକ୍ଷ୍ମୀ ନାରାୟଣଙ୍କର୍ ଭେଟ ହେବା ।

ଆଏଜ୍ ଧାରିଜ୍ ସମିଆ ଅନ୍‌ସାରେ ସବୁ ନୀତିକାନ୍ତି ହେଇଥିଲା । ଧାରିଜ୍ ସମିଆ ଘଂଟେ ଆଘୋନୁ ରଥ୍‌ଘିଚା ମୁଲ୍ ହେଇଥିଲା । ଦିନର୍ ୧୨ ବାଜିକରି ୩୦ ମିନିଟ୍ ତକ୍ ଚତୁର୍ଦ୍ଧାମୂର୍ତିଙ୍କର୍ ପହଣ୍ଡି ସରିଥିଲା । ତାର୍ ଉତ୍‌ରୁ ରଥ ଉପର୍‌କେ ମଦନ୍ ମୋହନ୍ ଆର୍ ରାମକୃଷ୍ଣ ବିଜେ କରିଥିଲେ । ତାର୍‌ପରେ ମାହାପୁରୁଙ୍କର୍ ମଇଲମ ଆର୍ ବେଶ କରାଯାଇଥିଲା । ତାର୍‌ଉତ୍‌ରୁ ଗଜପତି ମହାରାଜ୍ ତିନ୍‌ହି ରଥ ନ ଛେରା ପହଁରା କରିଥିଲେ । ରଥ୍‌ମାନ୍‌କେ ଘୋଡ଼ା ଲାଗି କରାଯାଇଥିଲା । ପୁରୀନୁ ଅଏତ୍‌କା ସୂଚ୍‌ନା ଦଉଛନ୍ ସତ୍ୟନାରାୟଣ୍ ପଟ୍ଟନାୟକ୍ ।

(ଭଏସ୍ ଓଭର୍- ସତ୍ୟନାରାୟଣ୍ ପଟ୍ଟନାୟକ୍)

ଇତାର୍ ଆଘୋନୁ ଭୋର୍ ସମିଆଥି ଶ୍ରୀବିଗ୍ରହଙ୍କର୍ ନୀତିକାନ୍ତି ଧାରିଜ୍ ସମିଆ ଆଗ୍ରୁ ପୁରା ହେଇଥିଲା । ଆଏବା କାଏଲ୍ ରଥ ଉପ୍ରେ ଚତୁର୍ଦ୍ଧାମୂର୍ତିଙ୍କର୍ ସୁନାବେଶ ହେବା । ସୋମ୍ବାର୍ ଦିନ ଅଧରପଣା ନୀତି ଆଉ ମଙ୍ଗଲ୍ବାର୍ ଦିନ ନୀଲାଦ୍ରୀ ବିଜେ ହେବା ।

ବାହୁଡ଼ାଯାତ୍ରା-ଶୁଭେଚ୍ଛା ଆର୍ଏନ୍ୟୁ/ସମ୍ବଲପୁର

ବାହୁଡ଼ା ଯାତ୍ରା ଉଲ୍ଗୁନେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସେ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ଇ ପବିତ୍ର ଯାତ୍ରା ଆମର୍ ବିଶ୍ୱାସ୍କେ ନବୀକରଣ୍ କରୁ ଆଉ କାଳଜୟୀ ପରମ୍ପରା ସଙ୍ଗେ ଆମର୍ ବନ୍ଧନ୍କେ ମଜ୍ବୁତ୍ କରୁ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ବାହୁଡ଼ା ଯାତ୍ରାର ଶୁଭେଚ୍ଛା ଜନେଇକରି ମାହାପୁରୁଙ୍କର୍ କରୁଣାନୁ ସମ୍କର୍ ଜୀବନ୍ଥି ସୁଖ୍, ସମୃଦ୍ଧ ଆଉ ଶାନ୍ତି ଭରିଯାଉ ବଲି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବାହୁଡ଼ାଯାତ୍ରାର୍ ଶୁଭେଚ୍ଛା ଜନେଇକରି ମାହାପୁରୁଙ୍କର୍ ପାଖେ ବିଶ୍ୱବାସୀଙ୍କର୍ ମଙ୍ଗଲ୍କାମନା କରିଛନ୍ ।

ବାହୁଡ଼ା ଯାତ୍ରାର୍ ଲାଗି ପାଖାପାଖି ୧୦ ଲାଖ୍‌ନୁ ଅଏତ୍‌କା ଶ୍ରଦ୍ଧାଳୁଙ୍କର୍ ସମାଗମ୍‌କେ ନଜର୍‌ଥି ରଖିକରି ସୁରକ୍ଷା, ବଡ଼ଦାଣ୍ଡ ନ ଭିଡ଼ ନିୟନ୍ତ୍ରଣ୍, ରଥମାନ୍‌କର୍ ସୁରକ୍ଷା ଆଉ ଟ୍ରାଫିକ୍ ପରିଚାଳନା ଲାଗି ଜବର୍ ବ୍ୟବସ୍ଥା କରାଯାଇଛେ । ଟ୍ରାଫିକ୍ ବାବ୍‌ଦେ ସୂଚ୍‌ନା ଦେବାର୍‌କେ ଜାଗା ଜାଗା ନ ଡିଜିଟାଲ୍ ବୋର୍ଡ଼ ବ୍ୟବସ୍ଥା କରାଯାଇଛେ । ଶ୍ରୀଜଗନ୍ନାଥ ମନ୍ଦିର୍, ଶ୍ରୀଗୁଣ୍ଡିଚା ମନ୍ଦିର ଆଉ ବଡ଼ଦାଣ୍ଡ ଇଲାକାକେ ନୋ ଫ୍ଲାଇଙ୍ଗ୍ ଜୋନ୍ ଭାବେ ଘୋଷ୍‌ନା କରାଯାଇଛେ । ଇ ସବୁ ଇଲାକା ନ ଆଏବା ୮ ତାରିଖ୍‌ତକ୍ କେନ୍‌ସି ଭିଲ୍ ଡ୍ରୋନ୍ ଉଡ୍‌ବାର୍‌କେ ପୁରାପୁରି ବାରଣ୍ କରାଯାଇଛେ ।

ବାହୁଡ଼ା ଯାତ୍ରା- ରାଜ୍ୟ ସମ୍ବଲପୁର/ସୁବର୍ଣ୍ଣପୁର୍/ବୌଦ୍ଧ/ଦେବ୍‌ଗଡ଼୍

ସମ୍ବଲ୍‌ପୁର୍ ଜିଲ୍ଲାର୍ ଭିନ୍ ଭିନ୍ ସହର୍ ଆର୍ ଗାଁ ନ ଆଏଜ୍ ଶ୍ରୀଜଗନ୍ନାଥ, ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ବାହୁଡ଼ା ରଥଯାତ୍ରା ଅନୁଷ୍ଠିତ୍ ହେଉଛେ । ଜିଲ୍ଲାର୍ ସମ୍ବଲ୍‌ପୁର୍, ରେଢ଼ାଖୋଲ୍ ଆର୍ କୁଚିଣ୍ଡାର୍ ୨ ଶହ ନୁ ଅଏତ୍‌କା ଜାଗା ନ ଥିବାର୍ ମନ୍ଦିର୍‌ମାନ୍‌କେ ବାହୁଡ଼ା ରଥଯାତ୍ରା କରାଯାଉଛେ । ସହରର୍ ୨୫ ଟା ଠାନେ ଶ୍ରୀଗୁଣ୍ଡିଚା ମନ୍ଦିର୍‌ମାନ୍‌କର୍‌ନୁ ପହଣ୍ଡି

ଉତ୍‌ରୁ ରଥାରୁଢ଼ ବିଗ୍ରହମାନେ ଭକତ୍‌ମାନ୍‌କୁ ଦର୍ଶନ୍ ଦେବାର୍ ଉତ୍‌ରୁ ରଥ୍‌ଘିଚା ମୁଲ୍ ହେଇଛେ । ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର୍ ନ ରଥଯାତ୍ରା ଉଲ୍‌ଗୁନେ ଆଏବାକାଏଲ୍ ଚତୁର୍ଦ୍ଧାମୂର୍ତିଙ୍କର୍ ସୁନାବେଶ ଅନୁଷ୍ଠିତ୍ ହେବା ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଲି ଶ୍ରୀକ୍ଷେତ୍ର ସହେତେ ମନ୍ଦିର୍‌ମାନ୍‌କେ ଆଏଜ୍ ତିନ୍‌ହି ମାହାପୁରୁଙ୍କର୍ ବାହୁଡ଼ାଯାତ୍ରା ଅନୁଷ୍ଠିତ୍ ହେଉଛେ । ଶ୍ରୀମନ୍ଦିର୍ ରୀତିନୀତି ଅନ୍‌ସାରେ କୋଟ୍‌ସମ୍‌ଲେଇର ତ୍ରିକୁଟ ପାହାଡ଼ ନ ଥିବାର୍ ମାଉସୀ ମା ମନ୍ଦିର୍‌ନୁ ଚତୁର୍ଦ୍ଧାମୂର୍ତିଙ୍କୁ ପହଣ୍ଡି କରାଯାଇକରି ରଥାରୁଢ଼ କରାଯାଇଥିଲା । ଇଥି ହଜାର୍ ହଜାର୍ ଭକ୍ତ ମହାପ୍ରଭୁଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ଜଗନ୍ନାଥ ଗୁମ୍ଫା, ମାଧବ ଗୁମ୍ଫା ଆର୍ ଧ୍ୱନୀ ଗୁମ୍ଫା ନ ପୁହୁଁଚିଥିଲେ ।

ବର୍‌ଗଡ଼୍ ଜିଲ୍ଲାର୍ ଭଟ୍‌ଲି ଠାନେ ଆଏଜ୍ ପ୍ରଭୁ ଦଧିବାମନଙ୍କର୍ ବାହୁଡ଼ାଯାତ୍ରା ଅନୁଷ୍ଠିତ୍ ହେଉଛେ । ମହାପ୍ରଭୁ ଜନମ୍‌ବେଦୀନୁ ରଥେ ମନ୍ଦିର୍‌କେ ବାହାରିଛନ୍ । ସେଆଡ଼େ ପରମ୍ପରା ଅନ୍‌ସାରେ ଛୁଆମାନ୍‌କର୍ ରଥ୍‌ଛିଆଁ ଚାଲିଛେ ।

ବୌଦ୍ଧ ଠାନେ ନୀତିକାନ୍ତି ଉତ୍‌ରୁ ମାଉସୀମା ମନ୍ଦିର୍‌ନୁ ତିନ୍‌ହି ଠାକୁରଙ୍କୁ ଗୋଟି ପହଣ୍ଡି କରାଯାଇଥିଲା । ଦିନର୍ ୨ ବଜେ ବ୍ରାହ୍ମଣ ସେବକମାନେ ଗୋଟି ପହଣ୍ଡିଥି ଆନିକରି ରଥାରୁଢ଼ କରିଥିଲେ । ନୀତିକାନ୍ତି ଉତ୍‌ରୁ ରଥଉପ୍‌ରେ

ଛୁଆମାନ୍‌କର୍ ରଥ୍‌ଛୁଆଁ ନୀତି କରାଯାଇଥିଲା । ଜଗନ୍ନାଥ, ବଳଭଦ୍ର ଆର୍ ଦେବୀ ସୁଭଦ୍ରାଙ୍କର୍ ଦର୍ଶନ୍ ଲାଗି ଭକ୍ତମାନ୍‌କର୍ ଜବର୍ ଭିଡ୍ ହେଇଛେ ।

ଦେବ୍‌ଗଡ୍ ପୁରୁଣାଗଡ଼ ଗୁଣ୍ଡିଚା ମନ୍ଦିର୍ ଠାନେ ମାହାପୁରୁମାନ୍‌କର୍ ବାହୁଡ଼ା ଯାତ୍ରା ଚାଲିଛେ । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଡ଼ପମଣ୍ଡପ୍ ଠାନେ ନୀତିକାନ୍ତି ଉତ୍‌ରୁ ପହଣ୍ଡି କରାଯାଇଥିଲା । ପରମ୍ପରା ଅନ୍‌ସାରେ ଆଏଜ୍ ମାଉସୀମା ମନ୍ଦିର୍ ପାଖେ ରଥାରୁଢ଼ ମାହାପୁରୁମାନ୍‌କୁ ଶ୍ରଦ୍ଧାଳୁମାନେ ଦର୍ଶନ୍ କର୍‌ବେ ଆଉ ଆଏବା କାଏଲ୍ ରଥ୍‌ଘିଚା ମୁଳ୍ ହେବା ।

ଘରୋଇ ବେଙ୍କ୍- କାର୍‌ବାର୍    ଆର୍‌ଏନ୍‌ୟୁ/ ସମ୍ବଲପୁର

୩ ଟା ଘରୋଇ ବେଙ୍କ୍ ସାଙ୍ଗେ ସର୍‌କାରୀ କାର୍‌ବାର୍ ବନ୍ଦ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ନେଇଥିବାର୍ ନିଷ୍ପତିକେ ପ୍ରତ୍ୟାହାର୍ କରିଛନ୍ । ଗଲା ମାସ ୨୧ ତାରିଖ୍ ଦିନ ଇ ବେଙ୍କ୍ ମାନ୍‌କର୍ ଉଚ୍ଚପଦାଧିକାରୀମାନ୍‌କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଲୋଚନା କର୍‌ବାର୍ ଉତ୍‌ରୁ ସର୍‌କାର୍ ଇ ନିଷ୍ପତି ନେଇଛନ୍ । ତିନ୍‌ହି ଘରୋଇ ବେଙ୍କ୍ ଏଚ୍‌ଡିଏଫ୍‌ସି, ଏକ୍ସିସ୍ ଆର୍ ଆଇସିଆଇସିଆଇ ବିରୋଧିଥି ସର୍‌କାରୀ ଯୋଜ୍‌ନା ମାନ୍‌କୁ ନେଇକରି ଖରାପ୍

ପ୍ରଦର୍ଶନ୍ ଆଉ ବେଙ୍କ୍ ସେବା ମାନଦଣ୍ଡଥି ନୈରାଶ୍ୟଜନକ ପ୍ରଦର୍ଶନ୍ ଅଭିଯୋଗ୍ ହେବାର୍ ଉତ୍ରୁ ସର୍କାର୍ କାର୍ବାର୍ ବନ୍ଦ୍ କର୍ବାର୍ ନିଷ୍ପତି ନେଇଥିଲେ ।

ପାନୀୟ ଜଳ ପ୍ରକଳ୍ପ ସମୀକ୍ଷା I&PR

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ପିଇବାର୍ ପାନିର୍ ମାନ ଯାଂଚ୍ କର୍ବାର୍ ଲାଗି ସର୍କାର୍ ପଦକ୍ଷେପ୍ ନେଇଛନ୍ । ଉନ୍ନୟନ୍ କମିଶନର୍ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟର୍ ମେଗା ପାନୀୟ ଜଳ ପ୍ରକଳ୍ପ ମାନ୍କର୍ କାର୍ଯ୍ୟକାରିତା ବାବଦ୍ ଉଚ୍ଚସ୍ତରୀୟ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ୍ଥି ଆଏଜ୍ ଇ ବାବ୍ଦେ ନିଷ୍ପତି ନିଆଯାଇଛେ । ବୈଠକ୍ର ସୂଚ୍ନା ଅନ୍ସାରେ ଲୁକ୍କୁ ଯୁଗେଇ ଦିଆଯାଉଥିବାର୍ ପିଇବାର୍ ପାଏନ୍ର ନିୟମିତ୍ ଯାଂଚ୍ କର୍ବାର୍କେ ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନ୍କୁ ଦାୟିତ୍ୱ ଦିଆଯିବା । ଇଥିର୍ଲାଗି ଏସ୍ଏଚ୍ଜି ମହିଳାମାନ୍କୁ ତାଲିମ୍ ସହେତେ ଟେଷ୍ଟିଂ କିଟ୍ ଯୁଗେଇ ଦିଆଯିବା । ପିଇବାର୍ ପାଏନ୍ ପରିଚାଳନା ଆଉ ଦେଖ୍ରେଖ୍ ଲାଗି ଆଧୁନିକ୍ ଜ୍ଞାନ୍ କୌଶଲ୍ ଭିଲ୍ ପ୍ରୟୋଗ୍ କରାଯିବା । କ୍ଷେତ୍ରସ୍ତର୍ଥି ପ୍ରଭାବୀ ପରିଚାଳନା ଲାଗି ଫି’

ଜିଲ୍ଲା ନ ପ୍ରକଳ୍ପ ପରିଚାଲନା ୟୁନିଟ୍ ମାନ୍ ଥାପ୍ନା କରାଯିବା ବଲି ବୈଠକ୍‌ଥି ପ୍ରସ୍ତାବ୍ ଦିଆଯାଇଛେ ।

ଅନ୍ତର୍ଜାତୀୟ ସମବାୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

'ସମବାୟ ଗୁଟେ ଉନ୍ନତ ପୁର୍‌ଥି୍‌ର୍ ଲାଗି ଅନ୍ତର୍ଭୁକ୍ତମୂଳକ ଆଉ ନିରନ୍ତର୍ ସମାଧାନ୍ ନିର୍ମାଣ' ବାର୍ତା ନେଇକରି ଆଏଜ୍ ପାଲନ୍ ହେଉଛେ ଅନ୍ତର୍ଜାତୀୟ ସମବାୟ ଦିବସ । ନିରନ୍ତର ବିକାଶ୍ ଦିଗେ ସମବାୟ ସଂସ୍ଥାର୍ ଯୋଗଦାନ୍‌କେ ତହଁକାବାର୍ ଲାଗି ଅନ୍ତର୍ଜାତୀୟ ସମବାୟ ସଂଘ ତର୍‌ଫୁ ୧୯୨୩ ମସିହାଠାନୁ ଫି' ବଛର୍ ଜୁଲାଇ ମାସର୍ ପହେଲା ଶନିବାର୍‌କେ ଇ ଦିବସ୍ ପାଲନ୍ କରାଯାଉଛେ । ୨୦୨୫ କେ ଅନ୍ତର୍ଜାତୀୟ ସମବାୟ ବଛର୍ ଭାବେ ଭିଲ୍ ମିଲିତ୍ ଜାତିସଂଘ ତର୍‌ଫୁ ପାଲନ୍ କରାଯାଉଛେ । ଇ ଅବ୍‌ସରେ ସାରା ପୁର୍‌ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ହେଲ୍‌ମେଟ୍ ପି.ଆଇ.ବି.

ବି.ଆଇ.ଏସ୍ ପ୍ରମାଣିତ୍ ହେଲ୍‌ମେଟ ବେଭାର୍ କର୍‌ବାର୍ ଲାଗି କେନ୍ଦ୍ର ଉପଭୋକ୍ତା ବ୍ୟାପାର ଆଉ ଭାରତୀୟ ମାନକ ବ୍ୟୁରୋ ତର୍‌ଫୁ ଗାଡ଼ିଚାଲକ୍ ମାନ୍‌କୁ ପରାମର୍ଶ ଦିଆଯାଇଛେ । ବିଆଇଏସ୍ ପ୍ରମାଣ୍‌ପତ୍ର ନାଇଁ ଥିବା ହେଲ୍‌ମେଟ୍ ତିଆର୍ କରୁଥିବା ଆଉ ବିକୁଥିବା ଲୁକ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

କେନ୍ଦ୍ରମନ୍ତ୍ରୀ- କୋରାପୁଟ୍ ଏକ୍ସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ଦିନ୍‌କିଆ କୋରାପୁଟ୍ ଗସ୍ତଥି ଯାଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । କୋରାପୁଟ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନ ଶିକ୍ଷା ଭିତିଭୂମିର୍ ବିକାଶ୍ ଲାଗି ୪ ଶହ ୮୦ କୋଟି ଟଙ୍କାର ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆର୍ ଭୂମିପୂଜନ୍ କରିଛନ ଇତାର୍ ଆଘୋନୁ ଶ୍ରୀ ପ୍ରଧାନ୍ ସାବର ଶ୍ରୀକ୍ଷେତ୍ର ଠାନେ ବାହୁଡ଼ା ଯାତ୍ରାଥି ସାମିଲ୍ ହେଇଥିଲେ ।

ହୀରାକୁଦ୍- ବଢ଼ି ପାନି ଛଡ଼ାଯିବା ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏବା କାଏଲ୍ ଇ ବଛରର୍ ପହେଲା ବଢ଼ି ପାଏନ୍ ଛଡ଼ାଯିବା । ସଖାଲର୍ ୧୦ ବଜେ ପୂଜା କରାଯାଇକରି ଡେବ୍ରିଫାଲ୍‌ର ୭ ନମ୍ବର୍ ସ୍ଲୁଇସ୍ ଗେଟ୍ ପହେଲା ଖୁଲାଯିବା । ଇ ବାବ୍‌ଦେ ସବୁ ତୟାରି ଶେଷ୍ କରାଯିବାର୍ ସହେତେ ତଲ୍ ଇଲାକା ନ ଥିବା ୧୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍‌ମାନ୍‌କୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍‌ସହେତେ ନଦୀ ଭିତର୍‌କେ ନାଇଁ ଯିବାର୍ ଲାଗି ଲୁକ୍‌କୁ ମାଇକ୍‌ଥି ସୂଚ୍‌ନା ଦିଆଯାଇଛେ ।

## ଅନାଥ୍ ଶିଶୁ ସର୍ବେକ୍ଷଣ୍ ତାଲିମ୍ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତର୍‌ଫୁ ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଅନାଥ୍ ଛୁଆମାନ୍‌ଙ୍କର୍ ସର୍ବେକ୍ଷଣ୍ ଲାଗି ଗୁଟେ ତାଲିମ୍ କର୍ମଶାଳା ହେଇଯାଇଛେ । ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା ମାସେ ଜିଲ୍ଲାର୍ ଫି’ ଗାଁ ନ ଅନାଥ୍ ଆଉ ଛେଉଣ୍ଡ୍ ଛୁଆମାନ୍‌କର୍ ଚିହ୍ନଟ୍ କର୍‌ବାର୍‌କେ ସର୍ବେକ୍ଷଣ୍ କରାଯିବା ।

## ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ତିଲେଶ୍ୱର୍ ଲାଲ୍‌ବାହାଦୂର୍ ବିଦ୍ୟାପୀଠ ହାଇସ୍କୁଲ୍ ଠାନେ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ପାଲିତ୍ ହେଇଯାଇଛେ । ପ୍ରଧାନ୍ ଶିକ୍ଷୟିତ୍ରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ବିଦ୍ୟୁତ୍ ବିଭାଗ୍ କନିଷ୍ଠ ଯନ୍ତ୍ରୀ ଜ୍ଞାନଦୀପ୍ତ ବେହେରା ଯୋଗ୍ ଦେଇକରି ଛାତ୍ରଛାତ୍ରୀ ଆଉ ଅଭିଭାବକ୍‌ମାନ୍‌କୁ ବୈଦ୍ୟୁତିକ ଉପକରଣ୍ ବେଭାର୍ ବାବ୍‌ଦେ ସଚେତନ୍ କରିଥିଲେ ।

ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ ଖେଲ I&PR

ଯୁକ୍ତରାଷ୍ଟ୍ର ଆମେରିକାର୍ ବର୍ମିହୋମ୍ ଠାନେ ଚାଲିଥିବା ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ ଖେଲ୍ -୨୦୨୫ ଥି ଆଏଜ୍ ଓଡ଼ିଆ ପୁଲିସ୍‌ର ଖେଲାଲିମାନେ ୫ ଟା ପଦକ୍ ଜିତିଛନ୍ । କନ୍‌ଷ୍ଟେବଲ୍ ଅଶୋକ ଦଣ୍ଡସେନା ଫେର୍ ୨ ଟା ସ୍ୱର୍ଣ୍ଣପଦକ୍ ଆଉ ଗୁଟେ ରୌପ୍ୟ ପଦକ୍ ଜିତିଛନ୍ । ସେନ୍ତା ସବିତା ଟପ୍ପୋ ଗୁଟେ ସ୍ୱର୍ଣ୍ଣପଦକ୍ ଆଉ ଗୁଟେ କାଂସ୍ୟ ପଦକ୍ ଜିତିଥିଲା ବେଲେ ସୁସ୍ମିତା ଟିଗ୍‌ଗା ଗୁଟେ କାଂସ୍ୟ ପଦକ୍ ଜିତିଛନ୍ । ଓଡ଼ିଶା ପୁଲିସ୍‌ର ଖେଲାଲିମାନେ ୪ ଦିନ୍ ଭିତ୍‌ରେ ୯ ଟା ସ୍ୱର୍ଣ୍ଣପଦକ୍, ୨ ଟା ରୌପ୍ୟପଦକ୍ ଆଉ ୩

ଟା କାଂସ୍ୟପଦକ୍ ଜିତିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହେବାର୍ ସହେତେ ଲଘୁଚାପ୍ ପ୍ରଭାବ୍ଥି ଜବର୍ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍ନା ଅନ୍ସାରେ ଆଏବା ୩ ଦିନ୍ ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍ରେ ପର୍ଶ୍ଚିମ୍ ଓଡ଼ିଶା ସହେତେ ୨୩ ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।